## ସଂକ୍ଷେପରେ

### ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୯।୧୧(ଡି.ଏନ.ଏ.): ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ୍ ଲକ୍ଷ୍ମୀ ତାରିଣୀ-୩ ନାମକ ଟ୍ରଲରକୁ ଜବତ କରାଯାଇଛି। ଜବତ ଟ୍ରଲରରେ ଥିବା ୯ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରତିକାନ୍ତ ପରିଡା, ଶ୍ରୀଧର ପରିଡା, ଚକ୍ରଧର ମାହୁନ୍ତ, ଖଗେଶ୍ୱର ମାହୁନ୍ତ, ଗୌରାଙ୍ଗ ମାଝି, ସଦାନନ୍ଦ ପରିଡା, କୁଶ ପରିଡା, ବାସୁଦେବ ପରିଡା, ସୁବାସ ପରିଡା। ଏମାନଙ୍କ ଘର ଭଦ୍ରକ ଅଞ୍ଚଳରେ ହୋଇଥିବା ବେଳେ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପଟ୍ଟାମୁଣ୍ଡାଇ ଜେଏମ୍ଏଫ୍‌ସି କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ବନବିଭାଗ ପାଟ୍ରୋଲିଂ ଟିମ ଜବତ ଟ୍ରଲରରୁ ଗୋଟିଏ ଜିପିଏସ, ୩ଟି ଭିଏଚଏଫ, ଗୋଟିଏ ଫିସ ଫାଇଣ୍ଡର, ୮ଟି ଟ୍ରଲିଂ ନେଟ ଓ ୨ କୁଇଣ୍ଟାଲ ସାମୁଦ୍ରିକ ମାଛ ଜବତ କରାଯାଇଥିବା କୋର୍ଟକୁ ଦର୍ଶାଯାଇଛି।

### ମାସ୍କ, ହେଲମେଟ୍ ଯାଞ୍ଚ: ୪୧,୭୦୦ ଟଙ୍କା ଆଦାୟ

ଜଗତ୍‌ସିଂହପୁର ଅଫିସ, ୨୯।୧୧: ଜଗତ୍‌ସିଂହପୁର ପୋଲିସ ପକ୍ଷରୁ ମାସ୍କ ଓ ହେଲମେଟ୍ ଚେକିଂକୁ ଜୋରଦାର କରାଯାଇଛି। କରୋନା ପାଇଁ ମାସ୍କ ଓ ସୁରକ୍ଷା ପାଇଁ ହେଲେମେଟ୍ ପିନ୍ଧିବା ବାଧ୍ୟତାମୂଳକ ଥିବା ବେଳେ ମାନୁ ନ ଥିବା ବ୍ୟକ୍ତିଙ୍କ ଉପରେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଗତ ୨୪ରୁ ୨୯ ତାରିଖ ଭିତରେ ଅମାନିଆଙ୍କ ଠାରୁ ୪୧,୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

### ଅଟୋ ବ୍ୟାଟେରି ନେଇଗଲେ, ସ୍କୁଟି ଛାଡ଼ି ଚାଲିଗଲେ

ରସୁଲପୁର,୨୯।୧୧(ଡି.ଏନ.ଏ.): କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମର ବିଭିନ୍ନ ସ୍ଥାନରୁ ଶନିବାର ରାତିରେ ଚୋରି ହୋଇଛି। ସେଥିମଧ୍ୟରୁ ଜଣଙ୍କ ଘରୁ ଦୁର୍ବୃତ୍ତ ଚୋରି ଉଦ୍ୟମ କରୁଥିବା ବେଳେ ଘର ଲୋକେ ଉଠି ପଡ଼ିବାରୁ ସେମାନେ ଆଣିଥିବା ଏକ ସ୍କୁଟିକୁ ଛାଡ଼ି ପଳାଇଛନ୍ତି। ପୋଲିସ ସ୍କୁଟି ନଂ. (ଓଡି-୩୪-ଏଫ-୭୩୨୪)କୁ ଜବତ କରି ତଦନ୍ତ ଜାରି ରଖିଛି। ସ୍କୁଟିଟି ପାଣିକୋଇଲି ଥାନା ଅନ୍ତର୍ଗତ ସାନବାରୁଣେଇପଡା ଗ୍ରାମର ନିରଞ୍ଜନ ସାମଲଙ୍କର ବୋଲି ଜଣାପଡ଼ିଛି। ମାତ୍ର ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ। ସୂଚନା ଅନୁସାରେ, ଦୁର୍ବୃତ୍ତ ଗ୍ରାମର ପ୍ରଶାନ୍ତ ଦାସଙ୍କ ଘର ଆଗରେ ଥୁଆ ହୋଇଥିବା ଏକ ଅଟୋରୁ ବ୍ୟାଟେରି ଚୋରି କରିଛନ୍ତି। ଏନେଇ ପ୍ରଶାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସେହିପରି ଦୁର୍ବୃତ୍ତ ଭରତ ଦାସଙ୍କ ଠାକୁର ଘରୁ ପିତ୍ତଳ ମୂର୍ତ୍ତି ଚୋରି କରିନେଇଥିବା ବେଳେ ପୂର୍ଣ୍ଣ ବେହେରାଙ୍କ ଘରୁ ପାଣି ପମ୍ପ ଚୋରି କରୁଥିବା ସମୟରେ କୁକୁର ଭୁକିବାରୁ ଘର ଲୋକେ ଉଠି ପଡିଥିଲେ। ଏହା ଦେଖି ସେମାନେ ସାଙ୍ଗରେ ଆଣିଥିବା ସ୍କୁଟିକୁ ଛାଡି ଚାଲି ଯାଇଥିଲେ।

### ଅବସରପ୍ରାପ୍ତ ସିଡିଏମ୍ଓଙ୍କ ପରଲୋକ

ଧର୍ମଶାଳା,୨୯ ।୧୧ (ଡି.ଏନ.ଏ.): ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳର ଖ୍ୟାତନାମା ଡାକ୍ତର ତଥା ଯାଜପୁରର ପୂର୍ବତନ ସିଡିଏମ୍ଓ ରମେଶ ଚନ୍ଦ୍ର ସାହୁଙ୍କ ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। ୪ ବର୍ଷ ତଳେ ସିଡିଏମ୍ଓ ଭାବେ ଅବସର ଗ୍ରହଣ କରିବା ପରେ ଜାରକାସ୍ଥିତ ନିଜ ବାସଭବନରେ କ୍ଲିନିକ ଖୋଲି ରୋଗୀସେବା କରୁଥିଲେ। ରବିବାର ସକାଳେ ରୋଗୀ ଦେଖୁଥିବାବେଳେ ସେ ଅସୁସ୍ଥ ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ କଟକ ନିଆଯାଉଥିବାବେଳେ ଚଣ୍ଡିଖୋଲ ନିକଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ତ୍ରୀ ମିନତି ସାହୁ, ବଡ଼ ପୁଅ ସୀତାଂଶୁ ଶେଖର ସାହୁ, ମଝିଆ ପୁଅ ହିମାଂଶୁ ଶେଖର ସାହୁ ଓ ବୋହୂ ଉପସ୍ଥିତ ଥିଲେ। ସେ ଜଣେ ପରୋପକାରୀ, ଖୁସ୍‌ମିଜାଜ ଓ ସଙ୍ଗଠନ ପ୍ରିୟ ବ୍ୟକ୍ତି ଥିଲେ। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ଲୋକ ସାହୁଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ କୁମାରୀ ଗ୍ରାମ, ଜାରକା ବଜାର, ଶାନ୍ତିବଜାର ଓ ଧର୍ମଶାଳା ବଜାର ନିଆଯାଇ ବ୍ରାହ୍ମଣୀ ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୀତାଂଶୁ ମୁଖାଗ୍ନି ଦେଇଥିଲେ।

# ଲକ୍ଷେ ଲୋକଙ୍କ ପାଇଁ ୫ ଡାକ୍ତର

- ରୁଗ୍‌ଣ ହେଲାଣି ଜିଲାର ସ୍ୱାସ୍ଥ୍ୟସେବା
- ଇଏସ୍ଆଇ ମେଡିକାଲ ନାହିଁ, ବଢ଼ୁଛି ଶ୍ରମିକ ଅଶାନ୍ତି
- ଗ୍ରାମାଞ୍ଚଳରେ ବଢ଼ୁଛି କ୍ୱାକ୍‌ଙ୍କ ପ୍ରାଦୁର୍ଭାବ

କେନ୍ଦ୍ରାପଡ଼ା ଅଫିସ, ୨୯।୧୧



କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ।

କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ରୁଗ୍‌ଣ ଅବସ୍ଥାରେ ପହଞ୍ଚିଛି। ୨୦୧୧ ଜନଗଣନା ଅନୁଯାୟୀ, ଜିଲାର ଲୋକସଂଖ୍ୟା ସାଢେ ୧୪ ଲକ୍ଷ ଥିଲା। ଏବେ ଏହି ଜନସଂଖ୍ୟା ୧୬ ଲକ୍ଷରୁ ଅଧିକ ହୋଇଛି। ଲକ୍ଷେ ଲୋକଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଅନ୍ୟୂନ ୫୦ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ଏଠାରେ ମାତ୍ର ୫ ଜଣ ଡାକ୍ତର ଅଛନ୍ତି। ସେହିପରି ଜିଲାରେ ଏମ୍ପ୍ଲୟିଜ ଷ୍ଟେଟ ଇନ୍ସୁରାନ୍ସ (ଇଏସ୍ଆଇ) ମେଡିକାଲ ନ ଥିବାରୁ ଉକ୍ତ ସ୍ୱାସ୍ଥ୍ୟସେବାରୁ ଶ୍ରମିକ ବଞ୍ଚିତ ହେଉଛନ୍ତି। ଉପାନ୍ତ ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସ୍ଥାନୀୟ କ୍ୱାକ୍‌ଙ୍କୁ ସୁଯୋଗ ଦେଉଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ସାମାଜିକ କର୍ମୀ ଦେବାଶିଷ ସାମଲ କୁହନ୍ତି, ୨୦ ବର୍ଷ ମଧ୍ୟରେ ଗମନାଗମନ ବ୍ୟବସ୍ଥାକୁ ଉନ୍ନତ କରିଥିବା ବିଭିନ୍ନ ଆଲୋଚନାରେ ଉଲ୍ଲେଖ କରାଯାଉଛି। ହେଲେ ଜିଲାର ଉପାନ୍ତ ଅଞ୍ଚଳର ୬୪୭ ଗ୍ରାମକୁ ବର୍ଷାଦିନେ ସିଧାସଳଖ ଯିବା ସମ୍ଭବ ହେଉନାହିଁ। ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ୧୦୮, ୧୦୨ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଥିଲେ ବି ଦୁର୍ଗମ ରାସ୍ତା ଏଥିରେ ବାଧକ ସାଜିଛି। ସେହିପରି ତୃଣମୂଳସ୍ତରର ସ୍ୱାସ୍ଥ୍ୟସେବାକୁ ଜିଲାରେ ୨୨୬ ସବ୍‌ସେଣ୍ଟର ଅଛି। ଅଧାରୁ ଅଧିକ ସବ୍‌ସେଣ୍ଟରରେ ଏଏନ୍ଏମ୍‌ଙ୍କର ପୋଷ୍ଟିଂ ନାହିଁ। ଜିଲାର ସ୍ୱାସ୍ଥ୍ୟସେବା ପାଇଁ ୧୭୧ଟି ପଦବୀ ସୃଷ୍ଟି ହୋଇଥିଲେ ମଧ୍ୟ ୯୨ଟିରେ ଡାକ୍ତରଙ୍କ ପୋଷ୍ଟିଂ ହୋଇନାହିଁ। ବିଶେଷକରି ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ଯାଇଛି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି, କରୋନା ସଂକ୍ରମଣ ପରେ ଜିଲା ସ୍ୱାସ୍ଥ୍ୟସେବା ଏକ ପ୍ରକାର ବନ୍ଦ ହୋଇଯାଇଥିବା ଅନୁମାନ କରାଯାଉଛି। ଅଧିକାଂଶ ରୋଗୀଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଉଛି। ଆଇସିୟୁ ପରି ଜରୁରିକାଳୀନ କୋଠରି କେନ୍ଦ୍ରାପଡାରେ ନାହିଁ। ସେହିପରି ଜିଲାର ସରକାରୀ କର୍ମଚାରୀଙ୍କ ସହ କେତେକ ସମବାୟ ଅନୁଷ୍ଠାନ, ନର୍ସିଂ ହୋମ, ବେସରକାରୀ କର୍ମଚାରୀଙ୍କୁ ଇଏସ୍ଆଇରେ ସାମିଲ କରାଯାଇଛି। ସରକାରୀ ନିୟମ ଅନୁଯାୟୀ, କର୍ମଚାରୀଙ୍କ ଦରମାରୁ ୦.୭୫ ପ୍ରତିଶତ ଅର୍ଥ ସହ ନିଯୁକ୍ତିଦାତାଙ୍କ ପକ୍ଷରୁ ୩.୨୫ ପ୍ରତିଶତ ଅର୍ଥ ଇଏସ୍ଆଇ ପାଇଁ ପଇଠ ହେଉଛି। ଏହାସତ୍ତ୍ୱେ ଜିଲାରେ ଶ୍ରମିକଙ୍କ ପାଇଁ ହସ୍ପିଟାଲ ନ ଥିବାରୁ ଏହାର ସୁଫଳ ମିଳୁନି। ସାଧାରଣ ଚିକିତ୍ସା କେନ୍ଦ୍ରରୁ ରେଫର ହେଉଥିବା ଶ୍ରମିକଙ୍କୁ ଉତ୍ତମ ସେବା ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ସୁନିଲ କୁମାର ଗନ୍ତାୟତ କହିଛନ୍ତି, ଗର୍ଭବତୀ ଓ ଶୀଘ୍ର ଚିକିତ୍ସା ପାଇଁ ଆବଶ୍ୟକ ରୋଗୀ ଉପାନ୍ତ ଅଞ୍ଚଳରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ବହୁ ସମୟରେ ଜୀବନହାନି ହେଉଛି। ସେହିପରି ଗ୍ରାମାଞ୍ଚଳରେ ଡାକ୍ତର ନ ଥିବାରୁ ବହୁ ରୋଗୀ ବାଧ୍ୟ ହୋଇ କ୍ୱାକ୍‌ଙ୍କ ସହଯୋଗ ଲୋଡୁଛନ୍ତି। ଜିଲାରେ ୨୦୦ରୁ ଊର୍ଦ୍ଧ୍ୱ କ୍ୱାକ୍ ଏଲୋପାଥିକ ମେଡିସିନ ଦୋକାନ ଖୋଲିଥିବା ସେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ଓ ଡା. ମିର୍ଜା ବାବର ବେଗଙ୍କୁ ପଚାରିବାରେ ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ନିର୍ଭର କରାଯାଉଛି। ବିଭିନ୍ନ ପଦବୀ ପୂରଣ ପାଇଁ ପ୍ରତିମାସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ହେଉଛି ବୋଲି ସେ କହିଛନ୍ତି।


ବଡ଼ଓଷା ଅବସରରେ ଜଗତ୍‌ସିଂହପୁରସ୍ଥିତ ଜୟବଡ଼ ଜଗନ୍ନାଥ ମନ୍ଦିର ପରିସରରେ କ୍ରିଷ୍ଣା ପରିଡ଼ା ଓ ପଦ୍ମ ପରିଡ଼ା ମୁରୁଜରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଆଙ୍କୁଛନ୍ତି।

## ଶ୍ରୀନୀଳମାଧବ ଜୀଉଙ୍କ ନୃସିଂହ ବେଶ



ଖଣ୍ଡପଡା,୨୯।୧୧(ସ୍ୱ.ପ୍ର.)

କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଜୀଉଙ୍କ ରବିବାର ନୃସିଂହ ବେଶ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ୬ ଦିନରେ ଠାକୁରଙ୍କ ବିଭିନ୍ନ ବେଶ ହୋଇଥାଏ। ଶୁକ୍ରବାର ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ତଡପଲାଗି ଓ ଅବକାଶ ନୀତି ସମ୍ପନ୍ନ ହୋଇ ସନ୍ଧ୍ୟାରେ ଠାକୁରଙ୍କୁ ନୃସିଂହ ବେଶରେ ସଜ୍ଜିତ କରାଯାଇଥିଲା। ପବିତ୍ର କାର୍ତ୍ତିକ ବ୍ରତ ଅବସରରେ ଶ୍ରୀନୀଳମାଧବଙ୍କୁ ଏହି ଆକର୍ଷଣୀୟ ବେଶରେ ଦର୍ଶନ କରିବାକୁ ଶ୍ରଦ୍ଧାଳୁମାନେ କରୋନା କଟକଣା ଯୋଗୁ ବଞ୍ଚିତ ହୋଇଥିଲେ। ଶତାଧିକ ଶ୍ରଦ୍ଧାଳୁ ସ୍ଥାନୀୟ ରାଧାମୋହନ ଜୀଉଙ୍କ ମଠ, ରଘୁନାଥ ଜୀଉ ମନ୍ଦିରରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ। ସେହିପରି ଖଣ୍ଡପଡା ଜଗନ୍ନାଥ ଜୀଉଙ୍କ ମନ୍ଦିରରେ କାଞ୍ଚି ଅଭିଯାନ ବେଶରେ ଠାକୁର ଦର୍ଶନ ଦେଇଥିଲେ।

## ସଫଳ ପରିବା ଚାଷୀ ସମ୍ବର୍ଦ୍ଧିତ

ରସୁଲପୁର,୨୯।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ବାହାବଳପୁର ଗ୍ରାମର ସଫଳ ପରିବା ଚାଷୀ ଶିଶିର କୁମାର ରାଉତଙ୍କୁ ଓଡ଼ିଶା କୃଷି ବୈଷୟିକ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଯାଜପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ର ବଡ଼ଚଣା ପକ୍ଷରୁ ସଫଳ ପରିବା ଚାଷୀ ଭାବେ ତାଙ୍କ ନାମ ସୁପାରିସ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ସମ୍ପଳ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ତାଙ୍କ ଚାଷ କରିବାର କୌଶଳ ଓ ଦକ୍ଷତାକୁ ପ୍ରଶଂସା କରିଥିଲେ। କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କୃଷକ ମେଳାରେ ତାଙ୍କୁ ସମ୍ବର୍ଦ୍ଧିତ କରିବାର ଥିଲା। ମାତ୍ର କରୋନା କଟକଣା ଯୋଗୁ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଜରିଆରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ସ୍ୱରୂପ ତାଙ୍କୁ ଉପଢୌକନ ଓ ମାନପତ୍ର ସହ ମୂଲ୍ୟବାନ ଚାରା ଦିଆଯାଇଛି।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରି ସ୍ୱାମୀ ଗିରଫ

ନୟାଗଡ ଅଫିସ,୨୯।୧୧

ନୟାଗଡ ଟାଉନ ଥାନା ପୋଲିସ ଦେବୋତ୍ତର କଲୋନୀରେ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଓ ମାରପିଟ୍ କରିବା ଅଭିଯୋଗରେ ସ୍ୱାମୀ ଅଶୋକ ବିଶୋଇ(୪୬)ଙ୍କୁ ରବିବାର ଗିରଫ କରିଛି। ଅଶୋକଙ୍କ ସ୍ତ୍ରୀ ସମିତା ସାହୁ (୩୬) ବାଟାଲିୟନର ବଡର ସିକ୍ୟୁରିଟି ଫୋର୍ସ ମେଡିକାଲ ଜମ୍ମୁରେ ନର୍ସ ଭାବେ କାମ କରନ୍ତି। ସମିତାଙ୍କୁ ୧୮ବର୍ଷ ତଳେ ଅଶୋକ ବିବାହ କରିଥିଲେ। ଏହି ଦମ୍ପତିଙ୍କର ୧୩ ବର୍ଷର ଝିଅ ରହିଛି। ତେବେ ୧୦ବର୍ଷ ହେଲା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଏଭଳିସ୍ଥଳେ ଅଶୋକ ୨ୟ ବିବାହ କରିବା ପରେ ପ୍ରଥମ ସ୍ତ୍ରୀ ସମିତାଙ୍କୁ ଆଉ ପଚରାଉବୁରା କରୁ ନ ଥିଲେ। ଝିଅ ମା' ପାଖରେ ରୁହନ୍ତି। ଶନିବାର ରାତିରେ ସମିତା ନୟାଗଡର ଦେବୋତ୍ତର କଲୋନୀ ଘରେ ପହଞ୍ଚିବା ପରେ ସ୍ୱାମୀଙ୍କ ଦ୍ୱିତୀୟ ବିବାହ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ସେ ବିରୋଧ କରିବାରୁ ସମିତାଙ୍କୁ ସ୍ୱାମୀଙ୍କ ସମେତ କେତେଜଣ ଲୋକ ମିଳିତ ଭାବେ ଆକ୍ରମଣ କରି ମାରି ଦେବାକୁ ଉଦ୍ୟମ କରିଥିଲେ। ସମିତା ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ସମିତାଙ୍କୁ ସ୍ୱାମୀ ଶାରୀରିକ ଓ ମାନସିକ ଭାବେ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଦଫା ୩୦୭, ୪ଡିପି ଆକ୍ଟ, ୪୯୮(ଏ), ୩୫୪ରେ ନଂ. ୧୯୮/୨୦ରେ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ଚାଷୀଙ୍କ ଆନ୍ଦୋଳନ ଚେତାବନୀ

**ଫସଲକ୍ଷତି ବୀମା ପ୍ରଦାନରେ ବିଳମ୍ବ**

ପଟ୍ଟାମୁଣ୍ଡାଇ,୨୯।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟାଞ୍ଚଳର ତରଡିପାଳ, ଅଳପୁଆ, ପେଣ୍ଠପାଳ ଚାଷୀମାନଙ୍କର ୨୦୧୯ ବନ୍ୟା ଓ ଲଗାଣବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଏଚ୍‌ଡିଏଫ୍‌ସି, ଆଗ୍ରୋ ବୀମା କମ୍ପାନୀଙ୍କୁ ଖରିଫ ଧାନ ଫସଲ ବୀମାର ଅଂଶଧନ ପେଣ୍ଠପାଳ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଦାଖଲ କରାଯାଇଥିଲା। ବୀମା କମ୍ପାନୀ, କୃଷି ବିଭାଗ ଓ ଆର୍‌ଆଇମାନଙ୍କ ପକ୍ଷରୁ ତଦନ୍ତ କରାଯାଇ ଫସଲ ବାବଦରେ ୮୨ ପ୍ରତିଶତ କ୍ଷତି ହୋଇଥିବା ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ରିପୋର୍ଟକୁ ଭିତ୍ତିକରି ବୀମା କମ୍ପାନୀ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଅର୍ଥ ପ୍ରଦାନ କରିଛନ୍ତି। ଏହି ଅର୍ଥ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିମଚଉରୀରେ ଦାଖଲ ହୋଇଥିବା ଚାଷୀମାନେ ଜାଣିପାରିଛନ୍ତି। ବୀମା ରାଶି ପ୍ରଦାନ କରିବାରେ ବିଳମ୍ବ ହେଉଥିବାରୁ କେନ୍ଦ୍ରାପଡା ଜିଲାପାଳ, କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ, ଏଚଡିଏଫସି ଓ ଆଗ୍ରୋ ଇଣ୍ଡିଆ ବୀମା କମ୍ପାନୀ ଏବଂ କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକଙ୍କୁ ଦରଖାସ୍ତ ମାଧ୍ୟମରେ ସେପ୍ଟେମ୍ବର ୧୬ରେ ଦାବି କରିଥିଲେ। ଇତିମଧ୍ୟରେ ବର୍ଷେରୁ ଅଧିକ ବିତି ଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଫସଲ ବୀମା ପ୍ରଦାନ କରାଯାଉନାହିଁ। ଫଳରେ ଚାଷୀମାନେ ହଇରାଣ ହୋଇ ନୂତନ ଫସଲ କରି ପାରୁନାହାନ୍ତି ବୋଲି ଭରତ ଦାଶ, ମୁରଲୀଧର ନାଥ, ପ୍ରତାପ ବିଶ୍ୱାଳ, ଗୁରୁଚରନ ନାଥ, ନରେନ୍ଦ୍ର ଧଳ, କରୁଣାକର ଜେନା, ହିମାଂଶୁ ବିଶ୍ୱାଳ, ପ୍ରକାଶ ରାଉତଙ୍କ ସମେତ ଶତାଧିକ ଚାଷୀ କହିଛନ୍ତି। ଏ ସମ୍ପର୍କରେ କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କର ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ନିରୋଧ କୁମାର ନାୟକଙ୍କୁ ପଚାରିବାରେ ଆମ ଶାଖାକୁ ଏ ପର୍ଯ୍ୟନ୍ତ ବୀମା ରାଶି ଆସିନାହିଁ। ବୀମା ରାଶି ପହଞ୍ଚିଲେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତାଲିକା ଅନୁସାରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ୨ ପିଲାଙ୍କୁ ପୋଷି ପାରୁନାହାନ୍ତି ସସ୍ମିତା

- ସ୍ୱାମୀ ଚାଲିଗଲା ପରେ ଦୁଃଖରେ ଦିନ କଟୁଛି
- ସହାୟତା ଯୋଗାଇ ଦେବାକୁ ନିବେଦନ

ବିଞ୍ଝାରପୁର,୨୯।୧୧(ଡି.ଏନ.ଏ.)

ହୋଟେଲରେ କାମ କରି ପରିବାର ଚଳାଉଥିବା ବିଞ୍ଝାରପୁର ବ୍ଲକ କପିଳା ପଞ୍ଚାୟତ ମାନ୍ଧାତାପାଟଣା ଗ୍ରାମର ସଞ୍ଜୟ ପଣ୍ଡା(୪୦)ଙ୍କ କର୍କଟ ରୋଗରେ ଗତ ୨ ତାରିଖରେ ମୃତ୍ୟୁ ହେବାପରେ ଏବେ ତାଙ୍କ ପରିବାର ଅସହାୟା ହୋଇ ପଡ଼ିଛନ୍ତି। ୧୨ ବର୍ଷର ଝିଅ ଓ ୧୦ ବର୍ଷର ପୁଅକୁ ଧରି ସଞ୍ଜୟଙ୍କ ସ୍ତ୍ରୀ ସସ୍ମିତା ବହୁ ଦୁଃଖରେ ଦିନ କାଟୁଛନ୍ତି। ରାଶନକୁ ଛାଡ଼ି ଅନ୍ୟ କିଛି ସହାୟତା ମିଳୁ ନ ଥିବାରୁ ସସ୍ମିତା ୨ ପିଲାଙ୍କୁ ପୋଷି ପାରୁନାହାନ୍ତି। ଏହି ପରିବାର ନିକଟରେ ପକ୍କାଘର ଖଣ୍ଡେ ନାହିଁ। ସରକାର ବିଭିନ୍ନ ଯୋଜନାରେ ଲୋକଙ୍କୁ ପକ୍କାଘର ଯୋଗାଇ ଦେଉଥିବାବେଳେ ସସ୍ମିତା ଏଥିରୁ ବଞ୍ଚିତ ହୋଇଛନ୍ତି। ବିଧବା ଭତ୍ତା ମଧ୍ୟ ତାଙ୍କୁ ମିଳୁନାହିଁ। ଘରେ ଯାହାକିଛି ଟଙ୍କାପଇସା ଥିଲା ସଞ୍ଜୟଙ୍କ ଔଷଧ କିଣାରେ ସେ ସବୁ ସରିଯାଇଛି। ଏପରି କି ଔଷଧ କିଣିବା ପାଇଁ ସସ୍ମିତାଙ୍କ ସୁନାଗହଣା ମଧ୍ୟ ବିକ୍ରି ହୋଇଯାଇଛି। ତେଣୁ ସସ୍ମିତା ୨ ପିଲାଙ୍କ ସହ ନିଜେ କିପରି ବଞ୍ଚିବେ ବୋଲି କହିଛନ୍ତି। ଜିଲାପାଳ ସସ୍ମିତା ଓ ତାଙ୍କ ପିଲାଙ୍କ ପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ବଦାନ୍ୟ ବ୍ୟକ୍ତି ସସ୍ମିତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଶିକ୍ଷାବିତ ରବିନାରାୟଣ ସାମଲ ଅନୁରୋଧ କରିଛନ୍ତି।



୨ ପିଲାଙ୍କ ସହ ସସ୍ମିତା।

# ବିଜେଡିର ମିଶ୍ରଣ ପର୍ବ

ବରୀ,୨୯।୧୧(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତର ପାଳସାହିଠାରେ ରବିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ବରୀ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ବିଜେଡି ଆବାହକ ଦେବେନ୍ଦ୍ର ଦାସ, ବିଜେଡି ଯୁବ ସଭାପତି ଅଶୋକ ସାମଲ, ଛାତ୍ର ବିଜେଡି ସଭାପତି ସଦିଚ୍ଛା ସାମଲ, ଆର୍ତ୍ତବନ୍ଧୁ ସାମଲ, ସୁବୋଧ ଜେନା, ରମାକାନ୍ତ ମଲ୍ଲିକ, ଆର୍ତ୍ତବନ୍ଧୁ ସାମଲ, ଅରବିନ୍ଦ ମହାନ୍ତି ଓ ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଅଞ୍ଚଳର ବିକାଶ କ୍ଷେତ୍ରରେ ଉଦ୍ୟମ କରାଯିବ। ଏପରି କି ଦଳମତ ନିର୍ବିଶେଷରେ ସରକାରୀ ଓ ବେସରକାରୀସ୍ତରରେ ସହଯୋଗର ହାତ ବଢ଼ାଯିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ସରପଞ୍ଚ ଧରଣୀ ଧଳ, ନନିଗୋପାଳ ଜେନା, ସିଲୁ ମଲିକ, ଇନ୍ଦ୍ରଜିତ ଧଳ, ସଂଗ୍ରାମ କେଶରୀ ଧଳ, ରଘୁନାଥ ଧଳଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ।


ଅତିଥିଙ୍କ ଗହଣରେ ବିଜେଡିରେ ସାମିଲ ହୋଇଥିବା ଭାଜପା ଓ କଂଗ୍ରେସ କର୍ମୀ।

# ବିପଦସଙ୍କୁଳ ସ୍ଥାନରେ ପରିବା ହାଟ

ପଟ୍ଟାମୁଣ୍ଡାଇ,୨୯।୧୧ (ସ୍ୱ.ପ୍ର.)


ରାସ୍ତାପାର୍ଶ୍ୱରେ ପାଲ ଟାଣି ପରିବା ବ୍ୟବସାୟୀମାନେ ବସିଛନ୍ତି।

ପଟ୍ଟାମୁଣ୍ଡାଇ ବନ୍ୟା ସୁରକ୍ଷା ବନ୍ଧ ରାସ୍ତାପାର୍ଶ୍ୱରେ ପାଲ ଟାଣି ପରିବା ବ୍ୟବସାୟୀମାନେ ବସୁଛନ୍ତି। ଏଥିଯୋଗୁ ରାସ୍ତାରେ ଭାରିଯାନ ଯିବାଆସିବା କରିବାରେ ଅସୁବିଧା ହେଉଛି। ସଂକୁଚିତ ରାସ୍ତା ଯୋଗୁ ଦୁର୍ଘଟଣା ଘଟିଲେ ଲୋକଙ୍କ ଜୀବନ ହାନି ଘଟିବାର ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, କୋଭିଡ୍ କଟକଣାକୁ ଦୃଷ୍ଟିରୁ ପଟ୍ଟାମୁଣ୍ଡାଇ ଡେଲି ମାର୍କେଟ ଓ ସାପ୍ତାହିକ ହାଟରେ ଚାଲିଥିବା ପରିବା ବଜାରକୁ ଏମ.ଏନ. ହାଇସ୍କୁଲ ପଡିଆକୁ ସ୍ଥାନାନ୍ତର କରାଯାଇଥିଲା। ବର୍ଷା ଋତୁ ଆସି ଯିବାରୁ ଏମ୍.ଏନ. ହାଇସ୍କୁଲ ପଡିଆରେ ପାଣି ଜମି ରହିବାରୁ ପରିବା ବ୍ୟବସାୟ ସମ୍ଭବ ହେଲାନାହିଁ। କୋଭିଡ୍ ନିୟମ କୋହଳ ପରେ ପୁଣି ଡେଲି ମାର୍କେଟ ଓ ସାପ୍ତାହିକ ହାଟରେ ବ୍ୟବସାୟ କରିବାକୁ ସୁଯୋଗ ଦେବାକୁ ବ୍ୟବସାୟୀମାନେ ତହସିଲଦାର, ପୋଲିସ ନିକଟରେ ଦାବି କରିଥିଲେ। କିନ୍ତୁ ସ୍ଥାନୀୟ ପ୍ରଶାସନ ପୁଣି ଡେଲି ମାର୍କେଟ ଓ ସାପ୍ତାହିକ ହାଟ ସ୍ଥାନରେ ଥଇଥାନ କରିବାକୁ ଅରାଜି ହେବାରୁ ପରିବା ବ୍ୟବସାୟୀମାନେ ବ୍ୟବସାୟ ବନ୍ଦ କରି ଦେଇଥିଲେ। ଏ ନେଇ ପଟ୍ଟାମୁଣ୍ଡାଇ ସହର ଓ ସହରତଳି ଲୋକମାନଙ୍କ ପାଇଁ ପନିପରିବା ସମସ୍ୟା ସୃଷ୍ଟି ହୋଇଥିଲା। ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ପ୍ରଶାସନ ପରିବା ବ୍ୟବସାୟୀଙ୍କୁ ମନାଇ ବନ୍ୟା ସୁରକ୍ଷା ବନ୍ଧ ରାସ୍ତାରେ ବ୍ୟବସାୟ କରିବାକୁ ଜାଗା ଚିହ୍ନଟ ଦେଇଥିଲେ। ସେହି ଅନୁସାରେ ମେ ୨୯ ଠାରୁ ବ୍ୟବସାୟୀମାନେ ଏଠାରେ ପରିବା ବ୍ୟବସାୟ କରି ଆସୁଛନ୍ତି। ଏଠାରେ ଲୋକଙ୍କ ପ୍ରବଳ ଭିଡ଼ ହେଉଛି। ଏହି ରାସ୍ତା ଦେଇ ଟ୍ରକଗୁଡିକ ଦୈନିକ ଯାତାୟାତ କରୁଥିବାରୁ ପରିବା ମାର୍କେଟରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଓ ଗ୍ରାହକମାନଙ୍କ ଜୀବନ ପ୍ରତି ବିପଦ ରହିଛି। ବିଶେଷକରି ରାଜନଗର, ଆଳି, ରାଜକନିକା, ଭଦ୍ରକ ଅଞ୍ଚଳକୁ ଯାଉଥିବା ଯାତ୍ରୀବାହୀ ବସ, ଟ୍ରକ, ଟ୍ରାକ୍ଟର ଚଳାଚଳ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ପଟ୍ଟାମୁଣ୍ଡାଇ ସହରରେ କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ଥିବା ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କହୁଛନ୍ତି। ତେଣୁ ଡେଲି ମାର୍କେଟ ଓ ସାପ୍ତାହିକ ହାଟରେ ପୁଣି ପରିବା ଦୋକାନ ଖୋଲିବାକୁ ଦାବି ହେଉଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ କଡରେ ଥିବା ୨ ଏକର ବିଶିଷ୍ଟ ଚତର ପଡିଆକୁ ମାଟି ପକାଇ ସେଠାରେ ଦୈନିକ ପରିବା ହାଟ ହୋଇପାରିବ ବୋଲି ବୁଦ୍ଧିଜୀବୀ, ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

**ମା'ଚଣ୍ଡୀଙ୍କ ଯଜ୍ଞଉତ୍ସବ**

ରସୁଲପୁର,(ଡି.ଏନ.ଏ.): ରସୁଲପୁର ବ୍ଲକ ବାହାଦଲାପୁର ପଞ୍ଚାୟତ ପରିଡ଼ାବାଦ ଗ୍ରାମରେ ମା'ଚଣ୍ଡୀଙ୍କ ଯଜ୍ଞଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ଏଥି ସକାଶେ ଖରସ୍ରୋତା ନଦୀରୁ ଜଳପୂର୍ଣ୍ଣ କଳସ ଆଣାଯାଇ ସ୍ଥାପନ କରାଯାଇଥିଲା। ପୀଠରେ ପାରମ୍ପରିକ ରୀତିନୀତିରେ ଷୋଡ଼ଶ ଉପଚାର, ବଡ଼ସିଂହାର ବେଶ, ନୀତି ଭୋଗ ଆଦି କରାଯାଇଥିଲା। ପଣ୍ଡିତ ଶ୍ରୀଧର ପଣ୍ଡା, ସୁଧାଂଶୁ ଶେଖର ପଣ୍ଡା, ଅରୁଣାକ୍ଷ ଆଚାର୍ଯ୍ୟ, ନରେନ୍ଦ୍ର ପଣ୍ଡା, ଅଭିମନ୍ୟୁ ମିଶ୍ର, ବିଶ୍ୱରଞ୍ଜନ ରଥ ପ୍ରମୁଖଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଣ୍ଡପରେ ଗୀତା ଓ ଚଣ୍ଡୀପାଠ, ୧୦୦୮ ଘୃତ ଆହୁତି ଆଦି ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟ କରୋନା କଟକଣା ଭିତରେ ଶେଷ ହୋଇଥିଲା।

**ସଂକ୍ଷେପରେ**

## କାମର ମଜୁରି ମିଳୁନି: ଠିକାଦାରଙ୍କ ବିରୋଧରେ ଅଭିଯୋଗ

ରାଜନଗର,୨୯।୧୧(ଡି.ଏନ.ଏ.): ରାଜନଗର ବ୍ଲକ ଡାଙ୍ଗମାଳ ଗାଁର ଅମୀୟ କୁମାର ଦାସ ଯୁକ୍ତ ୩ ପ୍ରଥମବର୍ଷରେ ପାଠ ପଢ଼ନ୍ତି। ତାଙ୍କ ବାପା ଜଣେ ମାନସିକ ରୋଗୀ ହୋଇଥିବାରୁ ପାଠ ପଢ଼ିବା ଓ ପରିବାର ଚଳାଇବା କଷ୍ଟ ସାଧ ହୋଇପଡ଼ିଛି। କରୋନା ମହାମାରୀ ସମୟରେ ଆର୍ଥିକ ଅବସ୍ଥା ଦୋହଲି ଯିବାରୁ ଭିତରକନିକା ନିକଟରେ ନିର୍ମାଣାଧୀନ ଓଡ଼ିଶା ଉନ୍ନୟନ ନିଗମ (ଓଟିଡିସି)ରେ ରଙ୍ଗ ଦେବା କାର୍ଯ୍ୟ କରୁଥିଲେ। ଦୀର୍ଘ ୫ମାସ ହେଲା ସେ ଓଟିଡିସିରେ କାମ କରୁଛନ୍ତି। ତାଙ୍କୁ ଓଟିଡିସି ନିର୍ମାଣାଧୀନ କୋଠାରେ କାମରେ ଲଗାଇଥିବା ଠିକାଦାର ମଜୁରି ଟଙ୍କା ଦେଉ ନ ଥିବା ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସେ ଦିନରାତି ହାଡ ଭଙ୍ଗା କାମ କରୁଥିଲେ ମଧ ତାଙ୍କର ୨୫ ହଜାର ଟଙ୍କା ଠିକାଦାର ଆଜିକାଲି କହି ଦେଉନାହାନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି, ଠିକାଦାରଙ୍କୁ ଡକାଯାଇଛି ବୋଲି କହିଛନ୍ତି।

## ଗୁରୁ ପୂଜନ ଉତ୍ସବ

ଖଣ୍ଡପଡା,୨୯।୧୧ (ସ୍ୱ.ପ୍ର.): ସାମ୍ପ୍ରତିକ ସମାଜରେ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସେତେଟା ପରିଲକ୍ଷିତ ହେଉନି। ଆଜିର ଯୁବପିଢି ଗୁରୁପୂଜାକୁ ସମ୍ମାନ ଦେବା ଦେଖିବାକୁ ମିଳେନି। ରବିବାର ନିକଟସ୍ଥ ମା'ନାରାୟଣୀ ପୀଠରେ ଏକ ଗୁରୁପୂଜନ ଉତ୍ସବ ମାଧପୁର ଅଞ୍ଚଳର କେତେଜଣ ପୁରାତନ ଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ୩୦ରୁ ଊର୍ଦ୍ଧ୍ୱ ଛାତ୍ର ଓ ସେମାନଙ୍କ ପରିବାର ଏକତ୍ରିତ ହୋଇଥିଲେ। ଭାପୁର ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ପଞ୍ଚାୟତର ଶିକ୍ଷକ, ସୁଲେଖକ ନୀଳକଣ୍ଠ ପଟ୍ଟନାୟକଙ୍କୁ ପୁରାତନ ଛାତ୍ରମାନେ ପଥରଚକଡାସ୍ଥ ମା' ନାରାୟଣୀ ପୀଠରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ରୂପେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଖଣ୍ଡପଡା ଅଞ୍ଚଳର ଶିଶୁକବି କାଶୀନାଥ ଦାସ, ନୀଳମାଧବ ମହାବିଦ୍ୟାଳୟର ପ୍ରାଧାପକ ଡ. ପବିତ୍ର କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ମହେଶ୍ୱର ସାହୁ, ମନୋରଞ୍ଜନ ଷଡଙ୍ଗୀ, ତ୍ରିନାଥ ସାହୁ, ସନ୍ତୋଷ କୁମାର ଷଡଙ୍ଗୀ, ଭ୍ରମରବର ରାଉତ, ବିରଞ୍ଚି ନାରାୟଣ ଦାସ ଓ ସୁଦର୍ଶନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତେଜିଲା ବାଇପାସ୍ ନିର୍ମାଣ ଦାବି

ନୟାଗଡ ଅଫିସ,୨୯।୧୧



ଶରଣକୁଳ ପାନ୍ଥନିବାସଠାରେ ବାଇପାସ୍ ରାସ୍ତା ନିର୍ମାଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ବୈଠକ।

■ ଦୁର୍ଘଟଣାରେ ୬ଜଣଙ୍କ ମୃତ୍ୟୁ ଘଟଣା

■ ଭାରିଯାନ ଚଳାଚଳରେ କଟକଣା ପାଇଁ ନିବେଦନ

ନୟାଗଡ ଜିଲା ଶରଣକୁଳରେ ଡମ୍ପର ଧକ୍କାରେ ମଙ୍ଗଳବାର ୬ଜଣଙ୍କ ମୃତ୍ୟୁ ପରେ ବାଇପାସ୍ ନିର୍ମାଣ ଦାବି ଜୋର ଧରିଛି। ବାଇପାସ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଭାରିଯାନ ଚଳାଚଳରେ କଟକଣା ଲାଗୁ କରିବାକୁ ଅନୁରୂପ ଦାବି ହେଉଛି। ପ୍ରଶାସନ ପକ୍ଷରୁ ଏହି ଦୁଇ ଦାବି ପୂରଣ କରା ନ ଗଲେ ଶରଣକୁଳ ଅଞ୍ଚଳର ଲୋକେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ରବିବାର ଶରଣକୁଳ ପାନ୍ଥନିବାସଠାରେ ବାଇପାସ୍ ରାସ୍ତା ନିର୍ମାଣ ଉଦ୍ଦେଶ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଲଖ ବିହାରୀ ମୁଦୁଲିଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସୁବାସ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସଡ଼କ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇଥିଲା। ଦୁର୍ଘଟଣା ପରେ ମୃତକଙ୍କ ପରିବାର ଯେଉଁ ସହାୟତା ରାଶି ପାଇଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇଥିଲା। ମୃତକ ପରିବାରକୁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ସହାୟତା ଯୋଗାଇବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ମନ୍ଦିର ୨୧ ନଂ. ରାଜ୍ୟ ରାଜପଥ କଡରେ ଶରଣକୁଳରେ ଅବସ୍ଥିତ। ଶରଣକୁଳ ବଜାର ଯୋଗୁ ଗହଳି ବଢୁଛି। ଏଭଳିସ୍ଥଳେ ଶରଣକୁଳରେ ଏକ ବାଇପାସ ରାସ୍ତାର ଆବଶ୍ୟକତା ରହିଥିବାବେଳେ କରାଯାଇନାହିଁ। ଏହି ଦୁଇ ଦାବିକୁ ପୂରଣ କରା ନ ଗଲେ ଶରଣକୁଳ, ହରିହରପୁର ଓ ଶିଖରପୁର ପଞ୍ଚାୟତର ବାସିନ୍ଦା ୨ ମାସ ପରେ ଆନ୍ଦୋଳନ ପନ୍ଥା ବାଛି ନେବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଦୁଇଦାବି ସମ୍ପର୍କରେ ଜିଲା ପ୍ରଶାସନ, ଲୋକ ପ୍ରତିନିଧି, ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ଦାବିପୂରଣ ଉଦ୍ଦେଶ୍ୟରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ଭାବେ ପଣ୍ଡା ରହିଥିବାବେଳେ କମିଟିରେ କୃଷ୍ଣଚନ୍ଦ୍ର ମହାପାତ୍ର, ସନ୍ନ୍ୟାସୀ ପ୍ରଧାନ, ଭାଗବତ ସେଠୀ, ପବିତ୍ର ଇନ୍ଦ୍ରଜିତ୍, ମୀନାକ୍ଷୀ ପ୍ରସାଦ ସାହୁ, ଚିତ୍ତ ରଞ୍ଜନ ପ୍ରଧାନ, ବିକ୍ରମ ଦାଶ ପ୍ରମୁଖ ୧୧ ଜଣ ରହିଛନ୍ତି।

# ମୃତଦେହ ଛୁଇଁଲେନି ସାଇଭାଇ

ରାଜନଗର,୨୯।୧୧(ଡି.ଏନ.ଏ.)

**ସ୍ୱେଚ୍ଛାସେବୀ ସଙ୍ଗଠନ କଲେ ସାହାଯ୍ୟ**

ରାଜନଗର ବ୍ଲକ କଣ୍ଡିରା ଗାଁରେ କାର୍ଯ୍ୟରତ ଶିକ୍ଷକଙ୍କ ମୃତ୍ୟୁ ପରେ ମୃତଦେହକୁ ନେଇ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କଣ୍ଡିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଗାଁ ପୁଅ ଅଜୟ ପଲାଇ(୪୫) ଦୀର୍ଘଦିନ ଧରି ରୋଗରେ ପୀଡିତ ଥିଲେ। ୨୭ ତାରିଖ ରାତିରେ ଭୁବନେଶ୍ୱରଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶିକ୍ଷକଙ୍କ ମୃତଦେହ ଗାଁରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ପରିବର୍ତ୍ତେ ଜାତିଆଣ ଭେଦ ଦର୍ଶାଇ ସାଇଭାଇ କାନ୍ଧ ଦେଇ ନ ଥିଲେ। ଦୀର୍ଘ ସମୟ ଧରି ମୃତଦେହ ପଡି ରହିବା ପରେ ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ସାହାଯ୍ୟର ହାତ ବଢାଇଥିଲେ। ସେମାନେ ଶିକ୍ଷକଙ୍କ ମୃତଦେହକୁ ଚାରି କାନ୍ଧ ଦେଇ ଶ୍ମଶାନରେ ସଂସ୍କାର କରିଥିଲେ। ଜାତିବାଦର ଦ୍ୱାହି ଦେଇ ମୃତ ଶିକ୍ଷକଙ୍କର ସାହି, ବନ୍ଧୁ, ପଡୋଶୀ ବିପଦ ସମୟରେ ଛିଡା ନ ହେବା ଘଟଣା ମାନବୀୟ ମୂଲ୍ୟବୋଧକୁ କୁଠାରାଘାତ କରିଛି। ଅଜୟ ଶିକ୍ଷକତା ସମୟରେ ନିଜ ଗାଁର ଦଳିତ ପରିବାରର ଶିକ୍ଷୟିତ୍ରୀ ଥିବା ତପୋଇ ମଲ୍ଲିକଙ୍କୁ ପ୍ରେମ ବିବାହ କରିଥିଲେ। ଅଜୟଙ୍କ ଗୋଟିଏ ଝିଅ ଓ ୨ଟି ପୁଅ ଅଛନ୍ତି। ଅଜୟଙ୍କ ବିବାହକୁ କିନ୍ତୁ ସାମାଜିକ ସ୍ୱୀକୃତି ଦେଇ ନ ଥିଲେ ପଡୋଶୀ, ବନ୍ଧୁ ବାନ୍ଧବ ଲୋକେ। ଫଳରେ ଅଜୟ ଏବଂ ତାଙ୍କ ସ୍ତ୍ରୀ ସାମାଜିକ ବାସନ୍ଦ ଭଳି ଅନ୍ୟତ୍ର ଘରଭଡା ନେଇ ରହୁଥିଲେ।



# ରାଜା ବେଶରେ ଶ୍ରୀଜୀଉ

ନୟାଗଡ ଅଫିସ,୨୯।୧୧

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ କ୍ଷେତ୍ରର ପାର୍ଶ୍ୱ ଦେବତା ଶ୍ରୀଜଗନ୍ନାଥଙ୍କର ରାଜା ବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚକ ଅବସରରେ ଏହି ବେଶ ଅନୁଷ୍ଠିତ ହୋଇଛି ବୋଲି ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ କହିଛନ୍ତି। ଅନ୍ୟପକ୍ଷେ କରୋନା କଟକଣା ଯୋଗୁ ଚଳିତବର୍ଷ ଭକ୍ତମାନେ ଠାକୁରଙ୍କ ବେଶ ଦେଖିବାର ସୁଯୋଗ ପାଇ ନାହାନ୍ତି।

# ନିମ୍ନମାନର କାମ ପ୍ରତିବାଦରେ ରାସ୍ତାରୋକୋ

ନୟାଗଡ ଅଫିସ,୨୯।୧୧


ଲୋକେ ରାସ୍ତାରୋକୋ କରି ପ୍ରତିବାଦ କରୁଛନ୍ତି।

ଶରଣକୁଳଠାରେ ଦୁଇ ଦିନରେ ୭ଟି ଦୁର୍ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ପରେ ନିମ୍ନମାନର ରାସ୍ତା କାମକୁ ନେଇ ରବିବାର ଅପରାହ୍ନରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ବାସିନ୍ଦା ସୁଆରସାହିଠାରେ ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ଖବରପାଇ ଶରଣକୁଳ ଥାନା ଆଇଆଇସି ବିମଳ ମଲ୍ଲିକ ଓ ସାମାଜିକ କର୍ମୀ ମୀନାକ୍ଷୀ ସାହୁ, ବିକ୍ରମ ଦାଶ ଓ ପ୍ରମୋଦ ପ୍ରଧାନ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏପରି କି ଅଧାପନ୍ତରିଆ ଡ୍ରେନର କାର୍ଯ୍ୟ ସହ ରାସ୍ତା କାମ ପୁଣି ଭଲ ଭାବେ କରାଯିବାର ପ୍ରତିଶ୍ରୁତି ପରେ ଅପରାହ୍ନ ୫ଟାରେ ଆରମ୍ଭ ହୋଇଥିବା ରାସ୍ତାରୋକୋ ସାଢ଼େ ୫ଟାରେ ହଟିଥିଲା।

ଡମ୍ପର ଧକ୍କାରେ ମଙ୍ଗଳବାର ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ନରେନ୍ଦ୍ରପୁରଠାରେ ୨ଜଣ ଓ ସୁଆରସାହିଠାରେ ୪ଜଣଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସୁଆରସାହିଠାରେ ଦୁର୍ଘଟଣା ପରେ ୨୧ ନଂ. ରାଜ୍ୟ ରାଜପଥର ଶରଣକୁଳ ପଥୁରିଆସାହି ଓ ସୁଆରସାହି ରାସ୍ତାକୁ ଶୁକ୍ରବାର ରାତିରେ ତରବରିଆ ଭାବେ ପିଚୁ କରାଯାଇଥିଲା। ଏହି ରାସ୍ତା ପୂର୍ବରୁ କଂକ୍ରିଟ ଥିଲା। ରାସ୍ତା ମଧ ଭଲ ଥିଲା। ହେଲେ କଂକ୍ରିଟ ରାସ୍ତା ଉପରେ ତରବରିଆ ଭାବେ ପିଚୁ କରାଯିବା ପରେ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ହେଲେ ଠିକାଦାର ଲୋକଙ୍କ କଥା ନ ଶୁଣି ପିଚୁ କରି ଚାଲିଗଲେ। ରାସ୍ତାରେ ଯାନବାହନ ଯିବା ପରେ ପିଚୁ ଆପେ ଆପେ ଶନିବାର ସକାଳୁ ଛାଡି ରାସ୍ତା ବିପଦସଙ୍କୁଳ ହୋଇ ପଡିଥିଲା। ଏହି ରାସ୍ତାରେ ରବିବାର ୩ ଦୁର୍ଘଟଣା ଘଟିଥିଲା। ପ୍ରଥମେ ୨ଟି ବାଇକ୍ ଓ ପରେ ସ୍କୁଟି ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ସେହିଭଳି ଶନିବାର ମଧ ଅନୁରୂପ ଭାବେ ୪ଟି ଦୁର୍ଘଟଣା ଘଟିଥିଲା।

## ମାସିକ ପତ୍ରିକା ହେନ୍ତାଳ ଉନ୍ମୋଚିତ

କେନ୍ଦ୍ରାପଡା ଅଫିସ, ୨୯।୧୧

କେନ୍ଦ୍ରାପଡା ବ୍ଲକ ଗରାପୁରସ୍ଥ ବନବିଭାଗ କାର୍ଯ୍ୟାଳୟରେ ପରିବେଶ ସମ୍ପର୍କିତ ମାସିକ ପତ୍ରିକା ହେନ୍ତାଳ ରବିବାର ଉନ୍ମୋଚିତ ହୋଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ପରିବେଶବିତ୍ ହେମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ଓ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମୁଖ୍ୟଅତିଥି ଡିଏଫଓ ବିକାଶ ରଞ୍ଜନ ଦାଶ ଯୋଗ ଦେଇଥିଲେ। ଶୁଭ୍ରାଂଶୁ ଶେଖର ଦାସ, ଗୟାଧର ଧଳ, ଆଶିଷ ମହାପାତ୍ର, ପ୍ରଦୀପ ଦାଶ, ସରୋଜ କୁମାର ମହାନ୍ତି, ବାବାଜି ଧଳ, ମନ୍ମଥ ରାଉତ ଓ ଚାରୁଲତା ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ହେନ୍ତାଳ ବଣର ସୁରକ୍ଷା ପାଇଁ ଲେଖନୀ ଚାଳନା କରିବାକୁ ଆହ୍ୱାନ ଦେଇଥିଲେ। ସଭାକୁ ସାମୁଦ୍ରିକ କଇଁଛ ସୁରକ୍ଷା ସମିତିର କର୍ମକର୍ତ୍ତା ଅଶୋକ ସ୍ୱାଇଁ ପରିଚାଳନା କରିଥିଲେ।

# କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରମୁଖ ମନ୍ଦିରରେ ୧୪୪ ଧାରା

ଜଗତ୍‌ସିଂହପୁର ଅଫିସ, ୨୯।୧୧

କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାର ପ୍ରମୁଖ ମଠ, ମନ୍ଦିରରେ ୧୪୪ ଧାରା ଜାରି କରାଯାଇଛି। ଏଗୁଡ଼ିକ ହେଲା ପାରାଦୀପ ପୌରାଞ୍ଚଳର ମଧୁବନ ଜଗନ୍ନାଥ ମନ୍ଦିର, କନକପୁରସ୍ଥିତ ମା'ଶାରଳା ମନ୍ଦିର, ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର, ପଞ୍ଚୁପଲ୍ଲୀସ୍ଥିତ ଗ୍ରାମେଶ୍ୱର ମନ୍ଦିର, ସାହାଡ଼ାବେଦୀସ୍ଥିତ ସରବନ୍ତ ଜଗନ୍ନାଥ ମନ୍ଦିର, ଗୋଡ଼ାସ୍ଥିତ ବୃନ୍ଦାବନ ବିହାରୀ ଜୀଉ, ଗାରୋଇ ଜଗନ୍ନାଥ ମନ୍ଦିର, କୋରୁଆସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର, ଗୋଠଦାସ୍ଥିତ ଗୋଠଦା ମଠ, ଚାନ୍ଦୁରା ଜଗନ୍ନାଥ ମନ୍ଦିର, ଅଲଣା-୨ ଜଗନ୍ନାଥ ମନ୍ଦିର, ଧାନକୁନ୍ଦ ଜଗନ୍ନାଥ ମନ୍ଦିର, ଜଗତ୍‌ସିଂହପୁର ସହରସ୍ଥିତ ମୁଚୁକୁନ୍ଦ ସୋମନାଥ ମହାଦେବ ମନ୍ଦିର, ବିଆଁଳସ୍ଥିତ ଗତନାଥ ମହାଦେବ ମନ୍ଦିର ଓ ସିନ୍ଧଳ ଜଗନ୍ନାଥ ମନ୍ଦିର, ଗୋରେଖନାଥ ପୀଠ । ଏହି ମନ୍ଦିରଗୁଡ଼ିକରେ ୪ ଜଣରୁ ଊର୍ଦ୍ଧ୍ୱ ଏକାଠି ହେବା ଉପରେ କଟକଣା ଲଗାଯାଇଛି।

# ପୂର୍ତ୍ତ ବିଭାଗ ରାସ୍ତାରୁ ହଟିଲା ବେଆଇନ ପିଲର

ଜଗତ୍‌ସିଂହପୁର ଅଫିସ, ୨୯।୧୧

ଜଗତ୍‌ସିଂହପୁର ଥାନା ଅଧୀନ ଆଲିପିଙ୍ଗଳ ପୋଲ ପାର୍ଶ୍ୱ ପୂର୍ତ୍ତ ବିଭାଗ ରାସ୍ତାରେ ବେଆଇନ କଂକ୍ରିଟ୍ ପିଲର ନିର୍ମାଣକୁ ନେଇ କିଛି ଦିନ ପୂର୍ବେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପ୍ରଶାସନର ଚେତା ପଶିଛି। ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରୁ ପିଲରକୁ ହଟାଇ ଦିଆଯାଇଛି ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନିମାଇଁ ଦାସ ସୂଚନା ଦେଇଛନ୍ତି। ଅପରପକ୍ଷେ ଉକ୍ତ ସ୍ଥାନରେ ଦାଦାବଟି ମଗାଯିବା ଅଭିଯୋଗକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଗତ ୨୫ ତାରିଖରେ ଆଲିପିଙ୍ଗଳ ପାଟଣାର ଉଲ୍ଲାସ କାବୁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଲୋକ ଏହି ସ୍ଥାନରୁ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ଏକବେରୁଆଁର ସୋମନାଥ ସ୍ୱାଇଁଙ୍କଠାରୁ ଦାଦାବଟି ମାଗିବା ସହ ଆଲିପିଙ୍ଗଳ ପୋଲ ପାର୍ଶ୍ୱ ପୂର୍ତ୍ତ ବିଭାଗ ରାସ୍ତାରେ ବେଆଇନ ପିଲର ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୪୨୯/୨୦) ରୁଜୁ ହୋଇଥିଲା। ପୂର୍ବରୁ ମଧ ଉଲ୍ଲାସଙ୍କ ନାମରେ ଅନେକ ଆପରାଧିକ ମାମଲା ରହିଛି ବୋଲି ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି।

## ୧୬ କରୋନା ପଜିଟିଭ୍ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ, ୨୯।୧୧

ଜଗତ୍‌ସିଂହପୁର ଜିଲାରେ ପୁଣି ୧୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ବାଲିକୁଦା ବ୍ଲକ ଓ ବିରିଡ଼ିରୁ ୨ଜଣ ଲେଖାଏଥିବାବେଳେ ଏରସମା, କୁଜଙ୍ଗ, ରଘୁନାଥପୁର ଓ ଜଗତ୍‌ସିଂହପୁର ପୌରାଞ୍ଚଳରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ତିର୍ତ୍ତୋଲରୁ ୫ ଓ ଜଗତ୍‌ସିଂହପୁର ବ୍ଲକରୁ ୩ ଜଣ ସଂକ୍ରମିତ ହୋଇଛନ୍ତି।

# ବିଜେଡିର ଗାର୍ଲ୍ସ ୱିଙ୍ଗସ ଗଠିତ

ଧର୍ମଶାଳା,୨୯।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ୫୪ ପଞ୍ଚାୟତର ଛାତ୍ରୀମାନଙ୍କୁ ନେଇ ବିଜେଡିର ଏକ ଗାର୍ଲ୍ସ ୱିଙ୍ଗସ୍ ଗଠନ କରାଯାଇଛି। ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବ୍ଲକ ଯୁବ ସଭାପତି କ୍ଷିତୀଶ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଛାତ୍ରୀମାନଙ୍କ ନେତୃତ୍ୱର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ସମ୍ପ୍ରତି ମହାବିଦ୍ୟାଳୟଗୁଡ଼ିକରେ ନିର୍ବାଚନ ବନ୍ଦ ରହିଥିବାରୁ ଛାତ୍ରୀମାନେ ନେତୃତ୍ୱ ନେବାରୁ ବଞ୍ଚିତ ହୋଇଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଛାତ୍ର ସଭାପତି ସୋମ୍ୟ ପ୍ରକାଶ ବିଶ୍ୱାଳ, ବିକାଶ ଦାସ, ସୁବ୍ରତ ଧଳ, ଯତୀନ୍ଦ୍ର ପ୍ରଧାନ ଓ ରାଜ୍ୟ ଛାତ୍ର ବିଜେଡି ସଂଯୋଜିକା ଅନିଶା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟରେ ପ୍ରଥମକରି ଧର୍ମଶାଳାରେ ଛାତ୍ରୀଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ବୋଲି ବ୍ଲକ ବିଜେଡି ମିଡିଆ ସେଲ୍ ଅଧ୍ୟକ୍ଷ ସଂଗ୍ରାମ ଜେନା ସୂଚନା ଦେଇଛନ୍ତି।


ବିଜେଡିର ଗାର୍ଲ୍ସ ୱିଙ୍ଗସ୍ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଛାତ୍ରୀ ଓ ଅନ୍ୟମାନେ।

# ଜଳ ଦୂଷିତ: ଭକ୍ତ ଅସନ୍ତୋଷ

**ଶାରଳା ମନ୍ଦିର ଚନ୍ଦନ ପୋଖରୀ**

■ ରାଜ୍ୟ ସରକାର ଏକ କୋଟି ଟଙ୍କା ଘୋଷଣା କରିଛନ୍ତି

■ ମା'ଙ୍କ ନୀତିକାନ୍ତି, ପରମ୍ପରା ସହ ସମ୍ପର୍କ ରହିଛି

ତିର୍ତ୍ତୋଲ, ୨୯।୧୧ (ଡି.ଏନ୍.ଏ.)


ପୋଖରୀରେ ଅଳିଆ ଆବର୍ଜନା ପଡ଼ିଛି।

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁରରେ ରହିଛି ପ୍ରସିଦ୍ଧ ଝଙ୍କଡ ମା'ଶାରଳା ମନ୍ଦିର। ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ରହିଛି ପବିତ୍ର ଚନ୍ଦନ ପୋଖରୀ। ଏହି ଚନ୍ଦନ ପୋଖରୀ ଜଳ ଏବେ ଦୂଷିତ ହୋଇଯାଇଛି। ଅଳିଆ, ଆବର୍ଜନା ଜମି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଚନ୍ଦନ ପୋଖରୀ ସହ ମା'ଶାରଳାଙ୍କ ନୀତିକାନ୍ତି ଓ ପରମ୍ପରାର ସମ୍ପର୍କ ରହିଛି। ଚନ୍ଦନ ଯାତ୍ରା ସମୟରେ ଏହି ପୋଖରୀରେ ମା'ଙ୍କ ଚାପ ଖେଳ ଅନୁଷ୍ଠିତ ହୁଏ। ଦିନ ଆଉ ରାତିରେ ୨୧ ଦିନ ପର୍ଯ୍ୟନ୍ତ ସୁସଜ୍ଜିତ ନୌକାରେ ମା' ଏହି ପୋଖରୀରେ ଚାପ ଖେଳଥାନ୍ତି। ଭକ୍ତମାନେ ଏହି ପୋଖରୀରେ ହାତ ପାଦଧୋଇ ମନ୍ଦିରକୁ ମା'ଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ମାତ୍ର ପୋଖରୀ ଅପରିଷ୍କାର ହୋଇଯାଇଥିବାରୁ ଭକ୍ତଙ୍କୁ ବ୍ୟଥିତ କରିଛି। ନିକଟରେ ଶାରଳା ମନ୍ଦିରର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କା ଘୋଷଣା କରିବା ସହ ଟେଣ୍ଡର କାର୍ଯ୍ୟ ଶେଷ କରିଛନ୍ତି। ବର୍ଷେ ପୂର୍ବେ ଚନ୍ଦନ ପୋଖରୀର ଉନ୍ନତୀକରଣ ପାଇଁ ପାରାଦୀପ ଆଇଓସିଏଲ୍ ପକ୍ଷରୁ ୨୫ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲା। ଏହି ଅର୍ଥରେ ଚନ୍ଦନ ପୋଖରୀର ଉନ୍ନତୀକରଣ କରାଯିବା ସହ ଜଳ ବିଶୋଧନ ପାଇଁ ବ୍ୟବସ୍ଥା ହୋଇଥିଲା। ଆବଶ୍ୟକସ୍ଥଳେ ପୋଖରୀ ଜଳ ନିଷ୍କାସନ ସହ ପାଇପ ଦ୍ୱାରା ପୁନର୍ବାର ପରିଷ୍କାର ପାଣି ଭର୍ତ୍ତି କରିବାକୁ ସ୍ଥିର ହୋଇଥିଲ। ମାତ୍ର ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପୋଖରୀ ଜଳ ଅପରିଷ୍କାର ହୋଇଯାଇଥିବାରୁ ଶ୍ରଦ୍ଧାଳୁମାନେ ହାତ ପାଦ ଧୋଇବାକୁ ଉଚିତମନେ କରୁନାହାନ୍ତି। ପୋଖରୀ ଜଳକୁ ତୁରନ୍ତ ସଫା କରିବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟକାନ୍ତ ପରିଜା କୁହନ୍ତି, ଜଳ ବିଶୋଧନ କରାଯିବା ନେଇ ପଦକ୍ଷେପ ଆରମ୍ଭ ହୋଇଛି। ଜଳ ପରୀକ୍ଷଣ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ବିଶୋଧନ ପାଇଁ ଉଦ୍ୟମ କରାଯିବ।

